# ଆଇଆଇଟି ଦିଲ୍ଲୀ-ଆବୁଧାବି କ୍ୟାମ୍ପସର ପ୍ରଥମ ବ୍ୟାଚର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

ଫେବୃଆରୀ 13, 2024

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଇଆଇଟି ଦିଲ୍ଲୀ-ଆବୁଧାବି କ୍ୟାମ୍ପସର ପ୍ରଥମ ବ୍ୟାଚର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହା କେବଳ ଭାରତ ଏବଂ ୟୁଏଇ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ କରେ ନାହିଁ, ବରଂ ଦୁଇ ଦେଶର ଯୁବକମାନଙ୍କୁ ମଧ୍ୟ ଏକାଠି କରିଛି ।

ଫେବୃଆରୀ 2022ରେ ୟୁଏଇରେ, ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଦିଲ୍ଲୀର ଏକ କ୍ୟାମ୍ପସ ଖୋଲିବା ପାଇଁ ଦୁଇ ଦେଶର ନେତୃତ୍ୱ ଲକ୍ଷ୍ୟ ରଖିଥିଲେ । ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଦିଲ୍ଲୀ (ଆଇଆଇଟି-ଡି) ଏବଂ ଆବୁଧାବି ଶିକ୍ଷା ଓ ଜ୍ଞାନ ବିଭାଗ (ଏଡିଇକେ)ର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ ବିଶ୍ୱସ୍ତରରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଉଚ୍ଚଶିକ୍ଷା ସୁଯୋଗ ପ୍ରଦାନ କରିବା । ଏହାଦ୍ୱାରା ପରବର୍ତ୍ତୀ ପିଢ଼ିର ପ୍ରଯୁକ୍ତିବିଦ୍ୟା, ଗବେଷଣା ଏବଂ ଉଦ୍ଭାବନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଭାଗିଦାରୀ ବୃଦ୍ଧି ପାଇବ । ପ୍ରଥମ ଶୈକ୍ଷିକ କାର୍ଯ୍ୟକ୍ରମ - ଏନର୍ଜି ଟ୍ରାଞ୍ଜିସନ ଏବଂ ସଷ୍ଟେନାବିଲିଟିରେ ସ୍ନାତକୋତ୍ତର - ଏହି ଜାନୁଆରୀରେ ଆରମ୍ଭ ହୋଇଥିଲା ।

**ଆବୁଧାବି**
**ଫେବୃଆରୀ 13, 2024**